# Akashvani, Sambalpur

## SAMBALPURI NEWS EVENING BULLETIN

## 5 July 2024- 7.02 pm- 7.12 pm.

*******************************************

୧- ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଖୁଲ୍‌ବାର୍ ବାବ୍‌ଦେ ଆଏବା କାଏଲ୍ ହେବା ନୂଆଁ କମିଟିର୍ ବୈଠକ୍- କହେଲେ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ।

୨- ରାଏଜେ ଲଗାଯିବା ୫ କୋଟି ଗଛ୍- ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲପୁର୍ ଆର୍ କୁଚିଣ୍ଡା ଗସ୍ତ କରିକରି ଭିନ୍ ଭିନ୍ ପ୍ରକଳ୍ପର କଲେ ସମୀକ୍ଷା ।

- ସହରର୍ ଡ୍ରେନେଜ୍ ବ୍ୟବସ୍ଥା ଲାଗି ତିଆର୍ ହେବା ମାଷ୍ଟର୍ ପ୍ଲାନ ।

୩- ଆଘର୍ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାଏକ୍‌ଙ୍କର୍ ପରଲୋକ ।

ଆଉର୍

୪- ରାଏଜେ ମୌସୁମୀର୍ ବଲେ ଆଏବା କାଏଲ୍ ଜବର୍ ବର୍ଷା ।

- ୧୧ଟା ଜିଲ୍ଲାକେ ଜାରି ହେଲା ସତର୍କ ସୂଚ୍‌ନା ।

ରତ୍ନଭଣ୍ଡାର୍           ଆର୍ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଖୁଲ୍‌ବାର୍ ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଠିତ୍ ନୂଆଁ କମିଟିର୍ ବୈଠକ୍ ଆଏବା କାଏଲ୍ ହେବା । କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ରତ୍ନଭଣ୍ଡାର୍ ଖୁଲ୍‌ବାର୍ ଆଉ ମୂଲ୍ୟବାନ୍ ଅଲଙ୍କାର୍ ମାନ୍‌କର୍ ଗନ୍‌ତି-ମଣତି ଲାଗି ବୈଠକ୍‌ଥି ଆଲୋଚନା ହେବା । କମିଟିର୍ ୧୫ ଝନ୍ ସଦସ୍ୟଙ୍କର୍ ସହେତେ ଆଲୋଚନା କରାଯିବାର୍ ଉତ୍‌ରୁ ଆଗ୍‌କେ ନିଷ୍ପତି ନିଆଯିବା ବଲି ଜଷ୍ଟିସ୍ ରଥ କହିଛନ୍ ।

(ଭଏସ୍ ଓଭର୍- ଜଷ୍ଟିସ୍ ବିଶ୍ୱନାଥ ରଥ)

ରାଜ୍ୟସ୍ତରୀୟ ବନ ମହୋତ୍ସବ୍        ସୂଚନା ଲୋକସମ୍ପର୍କ ବିଭାଗ୍

‘ଏକ୍ ପେଡ଼୍ ମା କେ ନାମ୍’ ଅଭିଯାନ୍‌ଥି ଓଡ଼ିଶା ନ ସବୁଠାନୁ ଜହ ୧ ଲାଖ୍ ୪୮ ହଜାର୍ ଫଟୋ ଅପ୍‌ଲୋଡ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଡୁମ୍‌ଡୁମା ସର୍‌କାରୀ ହାଇସ୍କୁଲ୍ ନ ୭୫ ନମ୍ବର୍ ବନ ମହୋତ୍ସବ୍‌ଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍‌ଥି ମୁଲ୍ ହେଇଥିବା ଅଭିଯାନ୍‌ଥି ଲୁକ୍‌କର୍ ସହଭାଗିତା ଖୋବ୍

ତହଁକାବାର୍ ଲାଏକର୍ ହେଇଛେ । ସବୁ ରାଜ୍ୟ ଭିତ୍‌ରେ ଓଡ଼ିଶା ଆଗେ ରହିଛେ । ୫ କୋଟି ଗଛ୍ ଲଗାବାର୍ ଲାଗି ଲକ୍ଷ୍ୟ ଧାରିଜ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ର ସଫଲତା ଲାଗି ଜିଲ୍ଲାପାଲ୍ ଆଉ ଜିଲ୍ଲା ବନ ଅଧିକାରୀ ମିଲିମିଶିକରି ଦେଖିରେଖି କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଦାରିଙ୍ଗ୍‌ବାଡ଼ି ନ ଚେରୀବ୍ଲୁଜମ୍ ଗଛ୍ ଲଗାଯାଇକରି ଇ ଜାଗାକେ ବିଶ୍ୱ ଚେରୀବ୍ଲୁଜମ୍ ମାନଚିତ୍ରଥି ଠାନ୍ ଦିଆଯିବା । ବିଜ୍‌ଲି ମାର୍‌ବାର୍‌କେ ରୁକ୍‌ବାର୍ ଲାଗି ୧୯ ଲାଖ୍ ତାଲ୍‌ଗଛ୍ ଲଗାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି ସେ କହିଥିଲେ । ଇ ଉଲ୍‌ଗୁନେ ସୁନ୍ଦର୍‌ଗଡ୍‌ର ସାଗର୍‌ପାଲି ବନସଂରକ୍ଷଣ ସମିତି ଆର୍ ନବରଙ୍ଗ୍‌ପୁର୍‌ର ବଡାସର ବନ ସଂରକ୍ଷଣ ସମିତିକେ ଜଙ୍ଗଲ୍ ସୁରକ୍ଷା ଆଉ ବନୀକରଣ୍ ଲାଗି ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ୍ ସ୍ମାରକୀ ପୁରସ୍କାର୍ ପ୍ରଦାନ୍ କରାଯାଇଛେ ।

## ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲ୍‌ପୁର୍ ଗସ୍ତ          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସହରର୍ ଡ୍ରେନେଜ୍ ବ୍ୟବସ୍ଥାର୍ ଲାଗି ମାଷ୍ଟର୍ ପ୍ଲାନ୍ କରାଯିବା । ୩ ମାସ୍ ଭିତ୍‌ରେ ଇ ଯୋଜ୍‌ନା ସର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଜିଲ୍ଲାପାଲ୍, ମହାନଗର୍ ନିଗମ୍ କମିଶନର୍, ଉତରାଂଚଲ୍ ଡିଆଇଜି ଆର୍

ଅଲ୍ଗା ଅଧିକାରୀମାନ୍କର୍ ସଙ୍ଗେ ଭିନ୍ ଭିନ୍ ବିଷେଥି ସମୀକ୍ଷା କଲା ଉତ୍ରୁ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇ ସୂଚ୍ନା ଦେଇଛନ୍ । ସମ୍ବଲ୍ପୁର୍ ସହରେ ସ୍ୱଚ୍ଛତା ଉପ୍ରେ ଜୋର୍ ଦେବାର୍ ଲାଗି ସେ କହିଛନ୍ ।

ହେନ୍ତା ନେସ୍ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍ଟିଏକେ ଆହୁରି ପ୍ରଭାବ୍ଶାଲୀ କର୍ବାର୍ ଲାଗି ଇସ୍ରୋର୍ ଆଘର୍ ମୁଖ୍ୟ ରାଧାକ୍ରିଷ୍ଣନ୍ଙ୍କର୍ ନେତୃତ୍ୱଥି ଗୁଟେ କମିଟି ଗଠନ୍ କରାଯାଇଛେ । ୨ ମାସ୍ ଭିତ୍ରେ କମିଟି ତାର୍ ରିପୋର୍ଟ ଦେବା ଆଉ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଲନା ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇତାର୍ ଉତ୍ରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଉ ରାଜ୍ୟ ଗ୍ରାମ୍ୟଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ସମ୍ବଲ୍ପୁର୍ ଜିଲ୍ଲାର୍ କୁଚିଣ୍ଡା ଗସ୍ତଥି ଯାଇକରି ଉନ୍ନୟନ୍ ଯୋଜ୍ନା ମାନ୍କର୍ ବାବ୍ଦେ ସମୀକ୍ଷା କରିଛନ୍ । ଆଇଟିଡିଏ ସମ୍ମିଲନୀ କକ୍ଷ ଠାନେ ହେଇଥିବା ଇ ସମୀକ୍ଷା ବୈଠକ୍ଥି ଭିନ୍ ଭିନ୍ ବିଭାଗ୍ ଆର୍ ପ୍ରଶାସନ୍ର ଅଧିକାରୀମାନେ ଯୋଗ୍ ଦେଇଥିଲେ । ଗସ୍ତ ସମିଆଥି କେନ୍ଦ୍ରମନ୍ତ୍ରୀଙ୍କୁ କୁଚିଣ୍ଡା ଟାଉନ୍ ହଲ୍ ଠାନେ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେବା ମନୋଭାବ୍ ନେଇକରି କାମ୍ କର୍ବାର୍କେ ସେ ଇଥି କର୍ମୀମାନ୍କୁ ଆହ୍ୱାନ୍ ଦେଇଥିଲେ ।

ବିଜେପି ରାଜ୍ୟପ୍ରଭାରୀ ଆର୍ଏନ୍ୟୁ/ସମ୍ବଲପୁର

ଭାରତୀୟ ଜନତା ପାର୍ଟିର ଭିନ୍ ଭିନ୍ ରାଜ୍ୟର୍ ଲାଗି ପ୍ରଭାରୀ ଆଉ ସହପ୍ରଭାରୀ ମାନ୍‌କର୍ ନାଁ ଆଏଜ୍ ଘୋଷ୍‌ନା କରାଯାଇଛେ । ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ୍ ପ୍ରକାଶ୍ ନଡ୍ଡା ଦଲର୍ ଓଡ଼ିଶା ପ୍ରଭାରୀ ଭାବେ ବିଜୟପାଲ୍ ସିଂ ତୋମାର୍ ଆର୍ ସହପ୍ରଭାରୀ ଭାବେ ସୁଶ୍ରୀ ଲତା ଉଶେଣ୍ଡିଙ୍କୁ ନିଯୁକ୍ତି ଦେଇଛନ୍ । ସେନ୍ତା ଭୁବ୍‌ନେଶ୍ୱର୍ ଲୋକସଭା ସାଂସଦ୍ ଅପରାଜିତା ଷଡ଼ଙ୍ଗୀଙ୍କୁ କେରଳର ସହପ୍ରଭାରୀ ଦାୟିତ୍ୱ ଆର୍ ପୁରୀ ଲୋକ୍‌ସଭା ସାଂସଦ୍ ଡାକ୍ତର୍ ସମ୍ବିତ୍ ପାତ୍ରଙ୍କୁ ଉତରପୂର୍ବ ରାଜ୍ୟମାନ୍‌କର୍ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛେ ।

ରଥଯାତ୍ରା ପ୍ରସ୍ତୁତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ନ ଆଏବା ୭ ତାରିଖ୍ ରଏବାର୍ ଦିନ ହେବାର୍‌କେ ଥିବାର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ସବୁ ତୟାରି ଚୂଡ଼ାନ୍ତ ପର୍ଯ୍ୟାୟଥି ପୁହୁଁଚିଛେ । ନବଯୌବନ ଦର୍ଶନ୍, ନେତ୍ରୋତ୍ସବ ଆଉ ଗୁଣ୍ଡିଚା ଯାତ୍ରା ଲାଗି ଶ୍ରୀଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସବୁ ନୀତିକାନ୍ତି ଠିକ୍ ସମିଆଥି କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ।

ରଥଯାତ୍ରା ଦେଖ୍‌ବାର୍ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଆସୁଥିବାର୍‌ନୁ ସୁରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା

କରାଯାଇଛେ । ସେଆଡ଼େ ରଥଯାତ୍ରା ଦିନ ଶ୍ରୀମନ୍ଦିର୍‌କେ ସାଧାରଣ ଲୁକ୍‌କର୍ ପ୍ରବେଶ୍ ଉପ୍‌ରେ କଟ୍‌କନା ଜାରି କରାଯାଇଛେ । ରଥ ଉପ୍‌ରେ ଭିଡ୍ ନାଇଁ କର୍‌ବାର୍ ଲାଗି ମନ୍ଦିର୍ ପ୍ରଶାସନ୍, ସେବାୟତ୍‌ମାନ୍‌କୁ ଅନୁରୋଧ୍ କରିଛନ୍ ।

ଆଘର୍ ମନ୍ତ୍ରୀ- ସୁରେନ୍ଦ୍ର ନାଏକ୍      ଆର୍‌ଏନ୍‌ୟୁ/ କଟକ୍

ଆଘର୍ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାଏକଙ୍କର୍ ଆଏଜ୍ ପରଲୋକ ହେଇଯାଇଛେ । ଭୁବ୍‌ନେଶ୍ୱର୍‌ର ନିଜର୍ ଘରେ ୯୫ ବରସ୍ ବୟେସେ ତାଙ୍କର୍ ବିୟୋଗ ହେଇଛେ । ସେ କାକଟ୍‌ପୁର୍ ନିର୍ବାଚନ୍ ମଣ୍ଡଲୀନୁ ୭ ଥର୍ ବିଧାନ୍‌ସଭାକେ ନିର୍ବାଚିତ ହେଇଥିଲେ । କୃଷି, ଶିକ୍ଷା ବାଗିର୍ ବହୁତ୍‌ଟେ ବିଭାଗ୍‌ର ମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୭୭ ମସିହାଥି ସ୍ୱର୍ଗତ ନାୟକ୍ ବିଧାନ୍‌ସଭା ଉପବାଚସ୍ପତି ଭାବେ ନିର୍ବାଚିତ ହେଇଥିଲେ । ୨୦୧୯ ନୁ ମସ୍ତିଷ୍କାଘାତଥି ଆକ୍ରାନ୍ତ ହେଇକରି ସେ ଚିକିତ୍ସିତ୍ ହେଉଥିଲେ ।

ବିଧାନ୍‌ସଭା ପରିସର ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟ ଆର୍ ବିଧାୟକ୍‌ମାନେ ସ୍ୱର୍ଗତ ନାଏକଙ୍କର୍ ଶେଷଦର୍ଶନ୍ କରିଥିଲେ ।

ଆଘର୍ ମନ୍ତ୍ରୀ ଆର୍ ବର୍ଷିୟାନ୍ ନେତା ସୁରେନ୍ଦ୍ର ନାଥ ନାୟକଙ୍କର୍ ବିୟୋଗ୍‌ଥି ରାଜ୍ୟପାଲ୍ ରଘୁବର ଦାସ ଗଭୀର ଦୁଖ ପ୍ରକାଶ୍ କରିକରି ଅମର ଆତ୍ମାର୍ ସଦ୍‌ଗତି ସହେତେ ଶୋକସନ୍ତପ୍ତ ପରିବାର୍‌କେ ସମବେଦନା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ଶୋକବାର୍ତାଥି ସ୍ୱର୍ଗତ ନାୟକ୍ ଝନେ ଲୋକପ୍ରିୟ ନେତା ଥିଲେ ବଲି କହିଛନ୍ । ବିଧାୟକ୍ ଆର୍ ମନ୍ତ୍ରୀ ଭାବେ ରାଜ୍ୟର୍ ଭିନ୍ ଭିନ୍ କ୍ଷେତ୍ରର୍ ଉନ୍ନତିଥି ତାଙ୍କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରହିଥିଲା ବଲି ଶ୍ରୀ ମାଝୀ କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ପୋଷ୍ଟ୍‌ଥି କହିଛନ୍ ଯେ, ଓଡ଼ିଶାବାସୀଙ୍କର୍ ସେବା କାମ୍‌ଥି ସ୍ୱର୍ଗତ ନାଏକଙ୍କର୍ ଅବଦାନ୍ ସବୁଦିନ ମନେ ରହେବା । ଅମର୍‌ଆତ୍ମାର୍ ସଦ୍‌ଗତି କାମନା କର୍‌ବାର୍ ସହେତେ ଶୋକସନ୍ତପ୍ତ ପରିବାର୍‌କେ ଶ୍ରୀ ପ୍ରଧାନ୍ ସମବେଦନା ଜନେଇଛନ୍ । କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ତାଙ୍କର୍ ଶୋକବାର୍ତାଥି ସ୍ୱର୍ଗତ ନାଏକ୍ ଝନେ ଲୋକପ୍ରିୟ ଜନପ୍ରତିନିଧି ଭାବେ ସ୍ମରଣୀୟ ହୋଇ ରହେବେ ବଲି କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ- ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ ଆଏଜ୍ ଝାର୍‌ସୁଗୁଡ଼ା ଜିଲ୍ଲା ସଦର୍ ଡାକ୍ତର୍‌ଖାନା ପରିଦର୍ଶନ୍ କରିଛନ୍ । ଡାକ୍ତର୍‌ଖାନା ପରିଦର୍ଶନ୍ ସମିଆଥି ସେ ରୋଗୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । କାର୍ଯ୍ୟରତ କର୍ମଚାରୀମାନ୍‌କର୍ ସାଙ୍ଗେ ଆଲୋଚନା ସମିଆଥି ଉନ୍ନତ ସ୍ୱାସ୍ଥ୍ୟସେବା ଯୁଗାବାର୍, ରୋଗୀ ଆଉ ସେମାନ୍‌କର୍ ସମ୍ପର୍କୀୟମାନ୍‌କୁ ଭଲ୍ ବେଭାର୍ କର୍‌ବାର୍ ଉପ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀ ଜୋର୍ ଦେଇଥିଲେ । ମନ୍ତ୍ରୀଙ୍କର୍ ଇ ଗସ୍ତ ସମିଆଥି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର ତ୍ରିପାଠୀ ଉପସ୍ଥିତ୍ ଥିଲେ ।

ପିଆଇବି - ଡିଜି ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ସୂଚନା ସେବାର୍ ବରିଷ୍ଠ ଅଧିକାରୀ ଧିରେନ୍ଦ୍ର ଓଝାଙ୍କୁ ପତ୍ର ସୂଚନା କାର୍ଯ୍ୟାଳୟ - ପିଆଇବିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛେ । ଶ୍ରୀ ଓଝା- ଶେଫାଳୀ ଶରଣଙ୍କର୍ ଜାଗାଥି ନିଯୁକ୍ତି ପାଇଛନ୍ । ଶେଫାଳୀ ଶରଣଙ୍କୁ ପ୍ରକାଶନ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଭାବେ ନିଯୁକ୍ତି ଦିଆଯାଇଛେ ।

ଉନ୍ନୟନ୍ କର୍ତୃପକ୍ଷ ଅଧକ୍ଷ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ସର୍କାର୍ ରାଜ୍ୟର୍ ସବୁ ଉନ୍ନୟନ୍ ପ୍ରାଧିକରଣ୍‌ର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ । ମନ୍ତ୍ରୀ ଶ୍ରୀ ମହାପାତ୍ର ଇ ୯ ଟା ଉନ୍ନୟନ୍ ପ୍ରାଧିକରଣ୍‌ର ଅଧକ୍ଷ ଦାୟିତ୍ୱ ନିର୍ବାହ କର୍‌ବେ । ଇ ବାବ୍‌ଦେ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ଇ ସଂସ୍ଥାମାନ୍‌କର୍ ଭିତ୍‌ରେ ଭୁବନେଶ୍ୱର୍ ଉନ୍ନୟନ କର୍ତୃପକ୍ଷ, ସମ୍ବଲ୍‌ପୁର୍ ଉନ୍ନୟନ କର୍ତୃପକ୍ଷ ଆର୍ ରାଉର୍‌କେଲା ଉନ୍ନୟନ କର୍ତୃପକ୍ଷ ରହିଛେ ।

ନୂଆଁ ଶିକ୍ଷାନୀତି ଆଲୋଚନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ଠାନେ ଆଏଜ୍ ଅଭିଭାବକ୍ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଗୁଟେ ବୈଠକ୍ ହେଇଥିଲା । ଇନ ନୂଆଁ ଶିକ୍ଷାନୀତି ଆର୍ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ମଡ଼େଲ୍ ପ୍ରଶ୍ନପତ୍ର ଉପ୍‌ରେ ଆଲୋଚନା ହେଇଥିଲା । ଶିକ୍ଷାପଦ୍ଧତି ଜରିଏ ବହୁତ୍‌ଟେ ପରିଶ୍ରମ୍ ଆର୍ ଛାତ୍ରଛାତ୍ରୀମାନ୍‌କୁ ଶିକ୍ଷକ୍ ଆର୍ ଅଭିଭାବକ୍‌ମାନେ

ତହଁକାଲେ ଭଲ୍ ରିଜଲ୍ଟ ହେବା ବଲି ବୈଠକ୍‌ଥି ମତପ୍ରକାଶ୍ ପାଇଥିଲା ।

ଯୁକ୍ତ ଦୁଇ ସିଟ୍ ସଂଖ୍ୟା ବଢ଼୍‌ଲା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଉ ୧୮ ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୁଲ୍‌ବାର୍ ଲାଗି ରାଜ୍ୟ, ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଭାଗ୍ ଇ ବାବ୍‌ଦେ ସଂପୃକ୍ତ ଘରୋଇ ସଂସ୍ଥାମାନ୍‌କୁ ଅନୁମତି ଦେଇଛନ୍ । ଇତାର୍‌ସହେତେ ଯୁକ୍ତ ଦୁଇ ସ୍ତର୍‌ଥି ସିଟ୍ ସଂଖ୍ୟା ଭିଲ୍ ବଢ଼ାଯାଇଛେ । ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ସବୁ ମିଶିକରି ୬ ହଜାର୍ ୭ ଶହ ୮୪ ଟା ସିଟ୍ ବଢ଼ାବାର୍ ଲାଗି ଥିର୍ କରାଯାଇଛେ । ୧୨ ଟା ଜିଲ୍ଲା ନ ଖୁଲ୍‌ବାର୍‌କେ ଥିବାର୍ ଇ ୧୮ ଟା ଘରୋଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭିତ୍‌ରେ ଖୋର୍ଦ୍ଧା ଜିଲ୍ଲା ନ ସବୁଠାନୁ ଜହ ୬ ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛେ । ସେନ୍ତା ରାଜ୍ୟର୍ ଅଲ୍‌ଗା ୯ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ସିଟ୍ ସଂଖ୍ୟା ବଢ଼ାବାର୍ ଲାଗି ଭିଲ୍ ଅନୁମତି ଦିଆଯାଇଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବର୍ଷା ଜାରି ରହିଛେ । ଆଏବା ୪ ଦିନ୍‌ତକ୍ ଭିନ୍ ଭିନ୍ ଜିଲ୍ଲା ନ ଟିକେରଂଚେନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ଅନୁମାନ୍ ରହିଛେ । ଆଏବାକାଏଲ୍ ବଙ୍ଗୋପ୍‌ସାଗର୍‌ନୁ ସୃଷ୍ଟି ହେବାର୍‌କେ ଥିବାର୍ ଘୂର୍ଣ୍ଣିବଲୟର୍ ବଲେ ରଏବାର୍ ଦିନ କେତେଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବର୍‌ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି ଆର୍ ଅନୁଗୁଲ୍ ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ପ୍ରବଲ୍ ବର୍ଷାକେ ନେଇକରି ପାଣିପାଗ୍ ବିଭାଗ୍ ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।

ସେଆଡ଼େ ଇହାଦେତକ୍ ଚଲ୍‌ତି ମୌସୁମୀ ଋତୁ ନ ସ୍ୱାଭାବିକ୍‌ନୁ ୨୫ ପ୍ରତିଶତ୍ କମ୍ ବର୍ଷା ହେଇଛେ । ଇତାର୍‌ଭିତ୍‌ରେ ୧୧ ଟା ଜିଲ୍ଲା ନ ସ୍ୱାଭାବିକ୍ ଆର୍ ୧୭ ଟା ଜିଲ୍ଲା ନ କମ୍ ବର୍ଷା ହେଇଥିବାର୍ ଜନାପଡ଼ିଛେ ।